# ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ : ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ: ଭୁବନେଶ୍ୱର

ସଚିବାଳୟ ମାର୍ଗ, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧
ଯୋଗାଯୋଗ ନଂ.୦୬୭୪-୨୫୦୩୯୫୬
ଇ-ମେଲ : principalusm@gmail.com
ୱେବସାଇଟ : www.usmbbsr.in


---

**No. :** ୧୨୮୯ **Date:** ୨୩/୦୭/୨୬

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଚଳିତ ବର୍ଷ ୨୦୨୬-୨୭ ରେ ଯୁକ୍ତ ଦୁଇ ସ୍ତରର ପ୍ରଥମ ବର୍ଷ (+2 1st Year) ଓ ଯୁକ୍ତ ତିନି (ସ୍ନାତକ) ସ୍ତରର ପ୍ରଥମ ବର୍ଷ (BPA 1st Year)ରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ସେମାନଙ୍କର ନିୟମିତ ଶିକ୍ଷାଦାନ କାର୍ଯ୍ୟ ଆସନ୍ତା ତା-୦୩/୦୮/୨୦୨୬ରିଖ ସୋମବାର ସକାଳ ୦୮ ଘଟିକାରୁ ଆରମ୍ଭ କରାଯିବ । ଶିକ୍ଷାଦାନ ସମୟ ସକାଳ ୦୮.୦୦ ଘଟିକାରୁ ଦିବା ୨.୦୦ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ । ଏତଦ୍ ବ୍ୟତୀତ ଯୁକ୍ତ ଦୁଇ ସ୍ତରର ପ୍ରଥମ ବର୍ଷ ଓ ଯୁକ୍ତ ତିନି ସ୍ନାତକ ସ୍ତରର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କର ଉଦ୍ଦିଷ୍ଟ ସମପୋଷାକ ୨୦ ଦିନ ମଧ୍ୟରେ ସମ୍ବନ୍ଧରେ ସୂଚନା ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

ଏଥି ସହିତ ଯୁକ୍ତ ଦୁଇ ସ୍ତରର ପ୍ରଥମ ବର୍ଷ ଓ ସ୍ନାତକ ସ୍ତରର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ସହିତ ଅନ୍ୟ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଅବଗତି କରାଯାଉଅଛି ଯେ, ଉପସ୍ଥାନ ନିୟମ ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ସମ୍ପୃକ୍ତ ବାର୍ଷିକ ପରୀକ୍ଷାରେ ଯୋଗଦେବା ନିମନ୍ତେ ଯୋଗ୍ୟ ହେବା ପାଇଁ ୭୫% ରୁ ଅଧିକ ଉପସ୍ଥାନ ବଜାୟ ରଖିବାକୁ ପଡିବ। ଆବଶ୍ୟକୀୟ ଉପସ୍ଥାନ ପ୍ରତିଶତ ବଜାୟ ଛାତ୍ର ରଖିବାରେ ବିଫଳ ହେଉଥିବାଛାତ୍ରୀମାନଙ୍କୁ ବିଭିନ୍ନ ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

ନୂତନ ଭାବରେ ପ୍ରବେଶ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଜଣାଇ ଦିଆଯାଉଛି ଯେ, ନିର୍ଦ୍ଧାରିତ କଲେଜ ୟୁନିଫର୍ମ ପିନ୍ଧିବା ବାଧ୍ୟତାମୂଳକ । ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ୟୁନିଫର୍ମ କିଣି ପ୍ରବେଶ ତାରିଖରୁ ୨୦ ଦିନ ମଧ୍ୟରେ ଏହାକୁ ପିନ୍ଧିବା ଆରମ୍ଭ କରିବେ । ୨୦ ଦିନର ଅବଧି ସମାପ୍ତ ହେବା ପରେ, ପ୍ରିନ୍ସିପାଲଙ୍କ ପୂର୍ବ ଅନୁମତି ବ୍ୟତୀତ କୌଣସି ଛାତ୍ରଙ୍କୁ ନିର୍ଦ୍ଧାରିତ ୟୁନିଫର୍ମ ବିନା ଶ୍ରେଣୀରେ ଯୋଗଦେବାକୁ ଅନୁମତି ଦିଆଯିବ ନାହିଁ ।

ତେଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପରୋକ୍ତ ନିର୍ଦ୍ଦେଶ ପାଳନ କରିବା ସହିତ ନିୟମିତ ଭାବରେ ଶ୍ରେଣୀରେ ଯୋଗଦେବା, ନିର୍ଦ୍ଧାରିତ ଉପସ୍ଥାନ ବଜାୟ ରଖିବା, ଅନୁଷ୍ଠାନର ଶୃଙ୍ଖଳା ଏବଂ ସାଜସଜ୍ଜା ବଜାୟ ରଖିବାକୁ ପରାମର୍ଶ ଦିଆଯାଉଅଛି ।

ଅଧ୍ୟକ୍ଷ
ତା ୨୩.୭.୨୬

**ଜ୍ଞାପକ ସଂଖ୍ୟା-** ୧୨୯୦ /ଉ.ସ.ମ. ତା- ୨୩ / ୦୭ /୨୦୨୬

ଏହାର ଏକକିତା ନକଲ ପ୍ରତିଷ୍ଠାନ ବିଭାଗକୁ ମହାବିଦ୍ୟାଳୟର ପୋର୍ଟାଲ (www.usmbbsr.in)ରେ ସମସ୍ତ ଅଧ୍ୟାପନାମଣ୍ଡଳୀ ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଅପଲୋଡ୍ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ଅଧ୍ୟକ୍ଷ
ତା ୨୩.୭.୨୬

**ଜ୍ଞାପକ ସଂଖ୍ୟା-** ୧୨୯୧ / ଉ.ସ.ମ. ତା- ୨୩ / ୦୭ /୨୦୨୬

ଏହାର ଏକକିତା ନକଲ ମହାବିଦ୍ୟାଳୟର ବିଜ୍ଞପ୍ତି ବୋର୍ଡ/ ବହିକୁ ସମସ୍ତ ଅଧ୍ୟାପନାମଣ୍ଡଳୀ ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅଧ୍ୟକ୍ଷ
ତା ୨୩.୭.୨୬